ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(OD)/ 1256/10-02-2021**

# *ଅପହଞ୍ଚ ଅଞ୍ଚଳରେ ଅପପୁଷ୍ଟି ବିରୋଧରେ ଏକ ବଳିଷ୍ଠ ଅଭିଯାନ–'ସୋପାନ'*

ଭୁବନେଶ୍ୱର :୧୦ ଫେବୃଆରୀ,୨୦୨୧

୫'ଟି' ଆଧାରରେ ରାଜ୍ୟର କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପୁଷ୍ଟିହୀନତା ଓ ରକ୍ତହୀନତା ଦୂର କରିବା ସହ ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ନିମନ୍ତେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା 'ସୋପାନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଯୋଜନା ରାଜ୍ୟର ୨୨ଟି ଜିଲ୍ଲାର ୧୨୫ଟି ଦୁର୍ଗମ ଅପହଞ୍ଚ ବ୍ଲକ୍‌ର ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ଦିଗରେ ଯଥେଷ୍ଟ ଫଳପ୍ରଦ ହେବ । ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କା ବିନିଯୋଗ କରିବାର ପ୍ରସ୍ତାବ ରହିଛି ।

ସେପାନ କାର୍ଯ୍ୟକ୍ରମର ପ୍ରମୁଖ ନିଷ୍କତ୍ତି –

ପୁଷ୍ଟିଗତ ସ୍ତରରେ ଅତ୍ୟନ୍ତ ନିମ୍ନସ୍ତରରେ ଥିବା ୧୨୫ଟି ବ୍ଲକ୍‌କୁ ପ୍ରାଧାନ୍ୟ ଦିଆଯିବା ସହ ହିତାଧିକାରୀମାନଙ୍କ ପୁଷ୍ଟିହୀନତା ଦୂରୀକରଣ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯିବ । ଏହି ଅଞ୍ଚଳରେ ୧୪ରୁ ୧୯ ବର୍ଷର କିଶୋରୀ ବାଳିକା ଯେଉଁମାନେ ଏ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ଓ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନା ଓ ରକ୍ତହୀନତା ନିମନ୍ତେ ପରୀକ୍ଷା ଓ ଚିକିତ୍ସା ପାଇନାହାନ୍ତି ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ । ଗର୍ଭବତୀ ମହିଳାମାନଙ୍କୁ ଟେକ୍‌ହୋମ୍ ରାସନ ବ୍ୟତୀତ ଅଙ୍ଗନୱାଡ଼ି କେନ୍ଦ୍ରରେ ଆଉଥରେ ରନ୍ଧାଖାଦ୍ୟ ପରିବେଷଣ, ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଗୋଷ୍ଠୀ ଦ୍ୱାରା ପରିଚାଳିତ କ୍ରେଚ୍‌ରେ ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଅଗ୍ରାଧିକାର ଭିତ୍ତିରେ କରାଯିବ ତଥା ଅତିଶୟ ପୁଷ୍ଟିହୀନ 'ସାମ୍' ଶିଶୁମାନଙ୍କ ନିମନ୍ତେ ପରିମାର୍ଜିତ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବ । ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ନିୟମିତ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ବର୍ଷକୁ ଦୁଇଥର ୦–୬ ବର୍ଷର ପିଲାମାନଙ୍କ ଓଜନ ପରୀକ୍ଷା କରାଯିବ ।

୫ 'ଟି' କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିହୀନତା ଦୂର ପାଇଁ ବିଭିନ୍ନ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ ପରେ ଏହି ରଣନୀତି ପ୍ରସ୍ତୁତ କରାଯାଇଛି । ଦେଶରେ ପ୍ରଥମଥର ପାଇଁ ଆମ ରାଜ୍ୟରେ ନ୍ୟୁଟ୍ରିସନ ବଜେଟ୍ ଆରମ୍ଭ କରାଯାଇଛି । ଖାଦ୍ୟସାରଣୀକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଘରକୁ ନେଉଥିବା ଶୁଖିଲା ରାସନରେ ୩ଗୋଟି ଏବଂ ଗରମ ରନ୍ଧାଖାଦ୍ୟରେ ୫ଗୋଟି ଅଣ୍ଡା ପ୍ରତି ସପ୍ତାହରେ ପ୍ରଦାନ କରାଯାଉଛି । ମମତା ଯୋଜନାରେ ଗର୍ଭାବସ୍ଥାରେ ପୁଷ୍ଟି ପାଇଁ ଓ ମଜୁରୀ କ୍ଷତିର ଭରଣା ପାଇଁ ୪୨ ଲକ୍ଷରୁ ଅଧିକ

ଗର୍ଭବତୀ ଏବଂ ପ୍ରସୂତୀ ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ପରିପୂରକ ପୁଷ୍ଟିସାଧନ ପାଇଁ ଦିଆଯାଉଥିବା ଛତୁଆ ମାତୃକମିଟି ଓ ଯାଞ୍ଚ କମିଟିର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠି, ଓମ୍ବାଡ୍ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ପୁଷ୍ଟିହୀନତାର ଧାରାକୁ ରୋକିବା ପାଇଁ ପ୍ରୟାସ କରାଯାଉଛି ।

୧୨୫ ଗୋଟି ପୁଷ୍ଟି କ୍ଷେତ୍ରରେ ଅନଗ୍ରସର ପ୍ରକଳ୍ପରେ କିଶୋରୀ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍, ଗର୍ଭବତୀ  ପ୍ରସୂତି ମହିଳାଙ୍କ ପାଇଁ ଅତିରିକ୍ତ ଗରମ ରନ୍ଧାଖାଦ୍ୟ ଓ ୩ରୁ କମ୍ ବୟସର ଶିଶୁମାନଙ୍କ ପାଇଁ କ୍ରେଚ୍, ଶୁଖିଲା ରାସନ ଓ ଗରମ ରନ୍ଧାଖାଦ୍ୟରେ ପୌଷ୍ଟିକ ତତ୍ତ୍ୱ ମିଶ୍ରଣ, ଓଜନ ଉତ୍ସବ ପାଳନ, ବାର୍ଷିକ ପୁଷ୍ଟି ସ୍ଥିତିର ସର୍ଭେ ଓ ୬ ବର୍ଷରୁ କମ୍  ବୟସର ଶିଶୁ, କିଶୋରୀ ବାଳିକା, ଗର୍ଭବତୀ, ପ୍ରସୂତି ମହିଳାଙ୍କ ପୁଷ୍ଟି ସାଧନକୁ ସୁନିଶ୍ଚିତ କରିବା ନିମନ୍ତେ 'ସୋପାନ' କାର୍ଯ୍ୟକ୍ରମ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା କରାଯାଏ ।

ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ